# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 12 October – 2025

**********************************

## ମୁଖ୍ୟ ସମ୍ବାଦ

- ସମସ୍ତ ବିଦ୍ୟାଳୟଗୁଡ଼ିକରେ ୟୁପିଆଇ ମାଧ୍ୟମରେ ନାମଲେଖା ଏବଂ ପରୀକ୍ଷା ଦେୟ ପୈଠ କରିବା ପାଇଁ ଶିକ୍ଷା ମନ୍ତ୍ରଣାଳୟର ନିଷ୍ପତ୍ତି
- ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଚଳିତ ଶିକ୍ଷାବର୍ଷ ପାଇଁ ୩ଟି ବିଭାଗରେ ଛାତ୍ରବୃତ୍ତି ପାଇଁ କରାଯାଉଛି ଆବେଦନ
- ଦେଶରୁ ପୋଲିଓର ମୂଳୋତ୍ପାଟନ ପାଇଁ ୧୪ଟି ଜିଲ୍ଲା ଏବଂ ମହାନଗର ନିଗମଗୁଡ଼ିକରେ ଦିଆଯାଉଛି ପୋଲିଓ ବୁନ୍ଦା

ଏବଂ

- ପାଗ ଅନୁକୂଳ ଥିବାରୁ ଆସନ୍ତା ଗୁରୁବାର ସୁଦ୍ଧା ରାଜ୍ୟରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ପ୍ରତ୍ୟାବର୍ତ୍ତନ ନେଇ ସୂଚନା

# ଏଜୁକେଶନ ମିନିଷ୍ଟ୍ରି-ୟୁପିଆଇ

ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଥିବା ବିଦ୍ୟାଳୟଗୁଡ଼ିକୁ ୟୁପିଆଇ ମାଧ୍ୟମରେ ଆଡମିଶନ ଏବଂ ପରୀକ୍ଷା ଦେୟ ଗ୍ରହଣ କରିବା ଲାଗି କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପରାମର୍ଶ ଦେଇଛି । ପ୍ରଶାସନିକ ବ୍ୟବସ୍ଥାର ଆଧୁନିକୀକରଣ ଏବଂ ଅଭିଭାବକ ଓ ଛାତ୍ରଛାତ୍ରୀମାନଙ୍କ ଲାଗି ଏହି ବ୍ୟବସ୍ଥାରେ ସହଜରେ ଦେୟ ପ୍ରଦାନ କରାଯାଇପାରିବ ବୋଲି କୁହାଯାଇଛି । ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ **NCERT, CBSE, KVS** ଓ **NVS** କର୍ତ୍ତୃପକ୍ଷଙ୍କୁ ଏକ ପତ୍ର ଜରିଆରେ ୟୁପିଆଇର ବ୍ୟବହାର ନେଇ ସଚେତନତା ସୃଷ୍ଟି ଲାଗି ପରାମର୍ଶ ଦିଆଯାଇଛି । ୟୁପିଆଇ ମାଧ୍ୟମରେ ଦେୟ ଗ୍ରହଣ କରିବା ଦ୍ୱାରା ନାମଲେଖା ପ୍ରକ୍ରିୟା ସ୍ୱଚ୍ଛ ହୋଇପାରିବ ବୋଲି ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

## ଛାତ୍ରବୃତ୍ତି

ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ୨୦୨୫-୨୬ ଚଳିତ ଶିକ୍ଷାବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ମେଧାବୀ ପ୍ରୋତ୍ସାହନ ଯୋଜନା ମାଧ୍ୟମରେ ବୃତ୍ତି ରାଶି ପାଇବା ପାଇଁ ଆବେଦନ ଗ୍ରହଣ କରାଯାଉଛି । ଇ-ମେଧାବୃତ୍ତି ଯୋଜନାରେ ସ୍ନାତକ, ସ୍ନାତକୋତ୍ତର, ବୈଷୟିକ ଓ ବୃତ୍ତିଗତ ପାଠ୍ୟକ୍ରମ ପାଇଁ ଗରିବ ଓ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ୧୦ ହଜାର, ୧୫ ହଜାର ଏବଂ ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଉଛି । ଗୋପବନ୍ଧୁ ଶିକ୍ଷା ସହାୟତା ଯୋଜନାରେ ବିଭିନ୍ନ ପଛୁଆବର୍ଗର ଛାତ୍ରଛାତ୍ରୀମାନଙ୍କୁ ବାର୍ଷିକ ୨୦ ହଜାର ଟଙ୍କାର ବୃତ୍ତି

ପ୍ରଦାନ କରାଯାଉଛି । ଯେଉଁ ଛାତ୍ରଛାତ୍ରୀମାନଙ୍କ ପରିବାରର ବାର୍ଷିକ ଆୟ ୨ ଲକ୍ଷ ୫୦ ହଜାରରୁ କମ୍ ଥିବ ସେମାନେ ଏହି ବୃତ୍ତି ପାଇଁ ଆବେଦନ କରିପାରିବେ । ସେହିଭଳି ବ୍ୟାସକବି ଫକୀରମୋହନ ଭାଷା ବୃତ୍ତି ଯୋଜନା ଅଧୀନରେ ଓଡ଼ିଆରେ ସ୍ନାତକୋତ୍ତର ପାଠ୍ୟକ୍ରମରେ ଯୋଗ୍ୟତା ଅର୍ଜନ କରିଥିବା ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ଏକାକାଳୀନ ୩୦ ହଜାର ଟଙ୍କା ପ୍ରଦାନ କରାଯିବ । ସ୍ନାତକ ପାଠ୍ୟକ୍ରମରେ ଓଡ଼ିଆକୁ ମୁଖ୍ୟ ବିଷୟ ଭାବେ ଯୋଗ୍ୟତା ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଏକକାଳୀନ ୨୦ ହଜାର ଟଙ୍କା ପ୍ରଦାନ କରାଯିବ । ସବିଶେଷ ତଥ୍ୟ ଉଚ୍ଚଶିକ୍ଷା ବିଭାଗର ସାଇଟ **www.scholarship.odisha.gov.in** ରେ ଉପଲବ୍ଧ ।

## ମୁଖ୍ୟମନ୍ତ୍ରୀ–ଆର୍ଯ୍ୟସମାଜ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରସ୍ଥିତ ରେଳ ଅଡିଟୋରିୟମ୍‌ଠାରେ ଆୟୋଜିତ ଉତ୍କଳ ଆର୍ଯ୍ୟସମାଜର ୧୫୦ତମ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ ।  ଅପରାହ୍ଣରେ ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବବ୍ୟାପାର, ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେବେ ବୋଲି ଆର୍ଯ୍ୟସମାଜର କାର୍ଯ୍ୟକାରୀ ସଭାପତି କହିଛନ୍ତି ।

## ବିଜେପି କୋର କମିଟି ବୈଠକ

ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଆଜି ଅପରାହ୍ଣରେ ଦଳର କୋର କମିଟି ବୈଠକ ଅନୁଷ୍ଠିତ ହେବ । ରାଜ୍ୟ ବିଜେପି ସଭାପତିଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ବୈଠକରେ ନୂଆପଡ଼ା ଉପନିର୍ବାଚନ ସମ୍ପର୍କରେ ଆଲୋଚନା କରାଯିବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## ଉଚ୍ଚସ୍ତରୀୟ ବୈଠକ

ମହାନଦୀ ଜଳବିବାଦ ମାମଲା ନେଇ ଆସନ୍ତା ୨୮ ତାରିଖରେ ଓଡ଼ିଶା ଏବଂ ଛତିଶଗଡ଼ ମଧ୍ୟରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହେବ। ବୈଠକରେ ଦୁଇ ରାଜ୍ୟ ମଧ୍ୟରେ ଜଳ ବିଭାଜନ ଏବଂ ପ୍ରକଳ୍ପ ଅନୁମୋଦନ ନେଇ ଆଲୋଚନା ହେବାର ସମ୍ଭାବନା ରହିଛି। ଉଭୟ ରାଜ୍ୟ ମଧ୍ୟରେ ଲୋୟର ସୁକତେଲ ଜଳପ୍ରକଳ୍ପ ଅଗ୍ରସର ହେବା ନେଇ ସହମତି ପ୍ରକାଶ ପାଇଛି। ଗତକାଲି ମହାନଦୀ ଜଳବିବାଦ ମାମଲା ନେଇ ଟ୍ରିବ୍ୟୁନାଲ୍‌ରେ ୪୬ତମ ଶୁଣାଣି ହୋଇଥିଲା। ଓଡ଼ିଶା ପକ୍ଷରୁ ମାମଲାର ସମାଧାନ ଦିଗରେ ଉଭୟ ପକ୍ଷ ଅଗ୍ରସର ହେଉଛନ୍ତି ବୋଲି ଅବଗତ କରାଯାଇଥିଲା। ଆସନ୍ତା ନଭେମ୍ବର ୧୫ ତାରିଖରେ ପରବର୍ତ୍ତୀ ଶୁଣାଣି ପାଇଁ ଟ୍ରିବ୍ୟୁନାଲ ପକ୍ଷରୁ ତାରିଖ ଧାର୍ଯ୍ୟ କରାଯାଇଛି।

## ପୋଲିଓ

ଦେଶକୁ ପୋଲିଓ ମୁକ୍ତ କରିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ପୋଲିଓ ଉନ୍ମୂଳନ ଅଭିଯାନ ଜାରି ରଖାଯାଇଛି। ଜନ୍ମରୁ ୫ ବର୍ଷ ବୟସର ପିଲାମାନଙ୍କୁ ୨ ବୁନ୍ଦା ପୋଲିଓ ପ୍ରଦାନ କରାଯାଇ ଏହା ଉପରେ ବିଜୟର ନିରନ୍ତର ପ୍ରୟାସ ଜାରି ରଖାଯାଇଛି। ଆଜି ଅନୁଗୁଳ, ବାଲେଶ୍ୱର, ଭଦ୍ରକ, ବୌଦ୍ଧ, କଟକ, ଗଜପତି, ଗଞ୍ଜାମ, କେନ୍ଦୁଝର, ଖୋର୍ଦ୍ଧା, ମାଲକାନଗିରି, ମୟୂରଭଞ୍ଜ, ପୁରୀ, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲ୍ଲା ସମେତ

ସମସ୍ତ ମହାନଗର ନିଗମ ଅଂଚଳରେ ଶିଶୁମାନଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରିବାର ଆୟୋଜନ କରାଯାଇଛି ।

**ଗଞ୍ଜାମ** ଜିଲ୍ଲାର ଛତ୍ରପୁରସ୍ଥିତ ଉପଖଣ୍ଡ ଚିକିତ୍ସାଳୟ ପରିସରରେ ଆୟୋଜିତ ଜିଲ୍ଲାସ୍ତରୀୟ ପଲସ୍ ପୋଲିଓ କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ଭି.କିର୍ତ୍ତି ଭାସନ ଶୁଭାରମ୍ଭ କରି ପୋଲିଓ ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ ।

## - V/O -

ଜିଲ୍ଲାରେ ଚଳିତବର୍ଷ ୩ ଲକ୍ଷ ୪୫ ହଜାର ୧୧ ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯିବାର ଲକ୍ଷ୍ୟ ରଖାଯାଇଛି । ଜିଲ୍ଲାରେ ୧ ହଜାର ୬୩୭ଟି ବୁଥ୍ କରାଯାଇ ପୋଲିଓ ବୁନ୍ଦା ପ୍ରଦାନ କରାଯାଉଛି ।

**ଭଦ୍ରକ** ଜିଲ୍ଲାରେ ୬୧ଟି ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ୮୨୦ଟି ବୁଥ୍‌ରେ ୧ ଲକ୍ଷ ୪୬ ହଜାର ୩୫୩ ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯିବାର ଲକ୍ଷ୍ୟ ରଖାଯାଇଛି ।  ଜିଲ୍ଲାର ବାଘୁରାଇ ଆୟୁଷ୍ମାନ ଆରୋଗ୍ୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସୁଧୀର ରଞ୍ଜନ ନାୟକଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ଶିଶୁମାନଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରିଥିଲେ ।

## ବିଶ୍ୱ ଗଣ୍ଠିବାତ ଦିବସ

ଆଜି ୱାର୍ଲଡ ଆଥ୍ରାଇଟ୍ସ ଡେ ବା ବିଶ୍ୱ ଗଣ୍ଠିବାତ ଦିବସ। ପ୍ରତି ବର୍ଷ ଅକ୍ଟୋବର ୧୨ ତାରିଖରେ ଏହି ଦିବସ ପାଳନ କରାଯାଏ। ଚଳିତ ବର୍ଷର ବାର୍ତ୍ତା ରହିଛି 'ସ୍ୱପ୍ନର ଶକ୍ତି - ବ୍ୟକ୍ତିଗତ ଲକ୍ଷ୍ୟ'। ଗଣ୍ଠିବାତ ରୋଗ ପ୍ରତି ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୂଳଲକ୍ଷ୍ୟ। ୧୯୯୬ ମସିହାରେ ପ୍ରଥମଥର ପାଇଁ ବିଶ୍ୱ ଗଣ୍ଠିବାତ ଦିବସ ପାଳନ କରାଯାଇଥିଲା। ବର୍ତ୍ତମାନ ସମୟରେ ଆଣ୍ଠୁଗଣ୍ଠିବାତ ସମସ୍ୟା ବିଶ୍ୱର ପ୍ରମୁଖ ସମସ୍ୟାଭାବେ ଉଭା ହୋଇଛି। ଆର୍ଥାରାଇଟ୍ସ ଏକ ଖଞ୍ଜାଜନିତ ସମସ୍ୟା। ଖଞ୍ଜାରେ କୌଣସି ପ୍ରକାର ସମସ୍ୟା ଦେଖାଗଲେ ଏହା ମଣିଷକୁ ଚଳପ୍ରଚଳରେ ଅସୁବିଧା ସୃଷ୍ଟି କରିଥାଏ। ଆର୍ଥାରାଇଟ୍ସ ରୋଗଠୁ ଦୂରେଇ ରହିବା ଓ ଏହା ସହ ମୁକାବିଲା କରିବା ପାଇଁ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ଆବଶ୍ୟକ। ଏ ନେଇ ଦୈନିକ ବ୍ୟାୟମ କରିବା ସହ କିଛି ସମୟ ଚଲାବୁଲା କରିବା ଆବଶ୍ୟକ। ଏକ ସର୍ଭେରୁ ଜଣାପଡିଛି, ଆମ ଦେଶରେ ପ୍ରାୟ ୧୮ କୋଟି ଲୋକ ରୁ୍ୟମାଟଏଡ ଆଥ୍ରାଇଟିସ୍‌ରେ ପୀଡିତ ଏବଂ ପ୍ରତି ଚାରି ଜଣରେ ଜଣେ ଗଣ୍ଠିବାତ ରୋଗରେ ପୀଡିତ। ଏଥିପାଇଁ ବୟସ ବଢ଼ିବା ସହିତ ସତର୍କ ରହିବାକୁ ହେବ। ଶରୀରରେ ଯଦି କ୍ୟାଲ୍‌ସିୟମ୍ ଏବଂ ଭିଟାମିନ୍-ଡିର ଅଭାବ ରହିଛି,ତାହାକୁ ପୂରଣ କରିବାକୁ ପଡିବ।

## ବିକଶିତ ଭାରତ ବିଲ୍ଡାଥନ–୨୦୨୫

ଦେଶର ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନବସୃଜନ ବୃଦ୍ଧି ଲକ୍ଷ୍ୟରେ ଆରମ୍ଭ କରାଯାଇଥିବା 'ବିକଶିତ ଭାରତ ବିଲ୍ଡାଥନ–୨୦୨୫'

ଆସନ୍ତାକାଲିଠାରୁ ସମସ୍ତ ବିଦ୍ୟାଳୟଗୁଡ଼ିକରେ ଆରମ୍ଭ ହେବ। ଗତକାଲି ଏଥିନିମନ୍ତେ ପଞ୍ଜୀକରଣର ଶେଷ ତାରିଖ ଧାର୍ଯ୍ୟ କରାଯାଇଥିଲା।

ଶିକ୍ଷା ମନ୍ତ୍ରଣାଳୟର ବିଦ୍ୟାଳୟ ଶିକ୍ଷା ଏବଂ ସାକ୍ଷରତା ବିଭାଗ ଦ୍ୱାରା ଅଟଳ ଇନୋଭେସନ୍ ମିଶନ, ନୀତି ଆୟୋଗ ଏବଂ ଏ.ଆଇ.ସି.ଟି.ଇ. ସହଯୋଗରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। 'ଭୋକାଲ ଫର୍ ଲୋକାଲ', ଆତ୍ମନିର୍ଭର ଭାରତ, ସ୍ୱଦେଶୀ ଏବଂ ସମୃଦ୍ଧ ଭାରତ ପରି ଚାରୋଟି ବିଷୟବସ୍ତୁ ଉପରେ କାର୍ଯ୍ୟକ୍ରମଟି ପର୍ଯ୍ୟବେସିତ। 'ବିଲ୍ଡାଥନ' କାର୍ଯ୍ୟକ୍ରମ ଦେଶରେ ନୂତନ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିବା ସହ ଯୁବପିଢ଼ିଙ୍କୁ ଏକ ଉନ୍ନତ, ବିକଶିତ ଏବଂ ଆତ୍ମନିର୍ଭର ଭାରତ ଗଠନରେ ମୁଖ୍ୟ ଭୂମିକା ଗ୍ରହଣ ପାଇଁ ପ୍ରସ୍ତୁତ କରିବ। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂଆଦିଲ୍ଲୀଠାରେ ଗତ ସେପ୍ଟେମ୍ବର ୨୩ ତାରିଖରେ 'ବିଲ୍ଡାଥନ' କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

## ପଲ୍ଲିଶ୍ରୀ ମେଳା

**ଢେଙ୍କାନାଳ**ର ପଲ୍ଲିଶ୍ରୀ ମେଳା ପଡିଆଠାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଜି ଅଷ୍ଟମ ଲୋକକଳା ମହୋତ୍ସବକୁ ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ଯୋଗଦେଇ ସେ ଢେଙ୍କାନାଳର ଲୋକକଳାର ଭୂୟସୀ ପ୍ରଶଂସା କରିବା ସହ କଳାକାରମାନଙ୍କର ଆର୍ଥିକ ଉନ୍ନତି ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ।

## ଗଜଲକ୍ଷ୍ମୀ-କେନ୍ଦ୍ରାପଡା

**କେନ୍ଦ୍ରାପଡ଼ା** ଗଜଲକ୍ଷ୍ମୀ ପୂଜାରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ଲାଗି କେନ୍ଦ୍ରାଞ୍ଚଳ ଡିଆଇଜି ସତ୍ୟଜିତ୍ ନାୟକ ଜିଲ୍ଲାର ଆଇନ୍ ଶୃଙ୍ଖଳା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ଶ୍ରୀ ନାୟକ ପୁରୁଣା ବସ୍‌ଷ୍ଟାଣ୍ଡ ନିକଟ ଅସ୍ଥାୟୀ ପୁଲିସ୍ କେନ୍ଦ୍ରଠାରେ ନିୟନ୍ତ୍ରଣକକ୍ଷରେ ଥିବା ସିସିଟିଭି, ଏଆଇ ମନିଟରିଂ ବ୍ୟବସ୍ଥା, ସ୍ୱତନ୍ତ୍ର ଆଇନ୍ ବ୍ୟବସ୍ଥାର ଯାଞ୍ଚ କରିଛନ୍ତି। ସହରରେ ୩୦ରୁ ଊର୍ଦ୍ଧ୍ୱ ପୁଲିସ୍ ପ୍ଲାଟୁନ୍ ଫୋର୍ସ୍ ମୁତୟନ କରାଯାଇ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରାଯାଇଛି।

## ଦୌଡ଼କୁଦ

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ଠାରେ ଭାରତୀୟ ଦୌଡ଼କୁଦ ସଂଘ, ଓଡ଼ିଶା ରାଜ୍ୟ କ୍ରୀଡା ଓ ଯୁବସେବା ବିଭାଗ ଏବଂ ଓଡ଼ିଶା ଦୌଡ଼କୁଦ ସଂଘର ମିଳିତ ଆନୁକୂଲ୍ୟରେ ଚାଲିଥିବା ୪୦ତମ ଜାତୀୟ କନିଷ୍ଠ ଦୌଡ଼କୁଦ ପ୍ରତିଯୋଗିତାରେ ଗତକାଲି ଦ୍ୱିତୀୟ ଦିନରେ ଓଡ଼ିଶାକୁ ଗୋଟିଏ କାଂସ୍ୟ ପଦକ ମିଳିଛି। ୧୮ ବର୍ଷରୁ କମ୍ ମହିଳା ଜାଭେଲନ୍ ଥ୍ରୋ'ରେ ଆଲୋକିକା ସ୍ୱାଇଁ ଏହି ପଦକ ହାସଲ କରିଛନ୍ତି।

## ପାଣିପାଗ

ରାଜ୍ୟରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆସନ୍ତା ୩ ରୁ ୪ ଦିନ ମଧ୍ୟରେ ପ୍ରତ୍ୟାବର୍ତ୍ତନ ପାଇଁ ପାଗ ସମ୍ପୂର୍ଣ୍ଣ ଅନୁକୂଳ ରହିଛି ବୋଲି ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଦୀର୍ଘ ୧୬ ବର୍ଷ ପରେ ଚଳିତବର୍ଷ ମେ' ମାସ ଶେଷ ସୁଦ୍ଧା ମୌସୁମୀ ଓଡ଼ିଶାରେ ପ୍ରବେଶ କରିଥିଲା।

ଦକ୍ଷିଣ ବାଂଲାଦେଶ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଉତ୍ତର ବଙ୍ଗୋପସାଗର ଉପରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ କୋରାପୁଟ, ବାଲେଶ୍ୱର, ଯାଜପୁର, କଟକ, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମାଲକାନଗିରି ଏବଂ ରାୟଗଡ଼ା ଜିଲ୍ଲାରେ ବଜ୍ରପାତ ସହ ବର୍ଷା ହେବା ନେଇ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।